

୧୪ଶ ଅଧ୍ୟାୟ

# ନୃତ୍ୟର ଗତିରେ ସମନ୍ୱୟ

ଭାରତରେ ପାରମ୍ପରିକ ନୃତ୍ୟ ମଧ୍ୟରେ ଅନେକ ସମୃଦ୍ଧ ନୃତ୍ୟ ରହିଛି, ଯାହା ଦେଶର ବିବିଧ ସାଂସ୍କୃତିକ ଐତିହ୍ୟ ସହିତ ଗଭୀର ଭାବରେ ଜଡ଼ିତ । ଏହି ନୃତ୍ୟ କେବଳ ଏକ ଗତିବିଧିର ଅଭିବ୍ୟକ୍ତି ନୁହେଁ, ବରଂ କାହାଣୀ, ଭାବନା ଏବଂ ଆଧ୍ୟାତ୍ମିକତାକୁ ମଧ୍ୟ ପ୍ରକାଶ କରିଥାଏ ।

ଶାସ୍ତ୍ରୀୟ ନୃତ୍ୟ କିମ୍ବା ଲୋକ ନୃତ୍ୟ ଏକ ପାରମ୍ପରିକ ନୃତ୍ୟ ହୋଇପାରେ । ଆମ ସଂସ୍କୃତିରେ ନୃତ୍ୟର ବିବିଧତା ଭିନ୍ନ ଭିନ୍ନ ସୁଗନ୍ଧ ବିସ୍ତାର କରିଥାଏ ଯାହା କି ପ୍ରକୃତିରେ ଅନନ୍ୟ ।

ଆମର ଅନେକ ବାଦ୍ୟଯନ୍ତ୍ର, ଉପାଦାନ, ପୋଷାକ, ଭାଷା ଏବଂ ସାଂସ୍କୃତିକ ବିଶ୍ୱାସ ଅଛି ଯାହା ବିଭିନ୍ନ ଗୋଷ୍ଠୀ ଦ୍ୱାରା ପରିବେଷିତ ହୁଏ । ଏପରି ପାରମ୍ପରିକ ନୃତ୍ୟ ଆମ ଦେଶକୁ ଉନ୍ନତ କରିଥାଏ ଏବଂ ସାମାଜିକ ଓ ନୈତିକ ଅଖଣ୍ଡତାକୁ ସୁଦୃଢ଼ କରିଥାଏ ।

ଏବେ ନୃତ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଓ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ।

0680CH14

## କାର୍ଯ୍ୟକଳାପ ୧: ଆମର ପାରମ୍ପରିକ ନୃତ୍ୟ

ତୁମ ଅଞ୍ଚଳର ଯେକୌଣସି ପାରମ୍ପରିକ ନୃତ୍ୟ ଏବଂ ଏହା ସହିତ ଜଡିତ ଗୀତ ଚୟନ କର ।

ତୁମ ଅଞ୍ଚଳରେ ବ୍ୟବହୃତ ବାଦ୍ୟଯନ୍ତ୍ର ସହିତ ତାଳରେ ତାଳରେ ନୃତ୍ୟ କର ।



ବିହୁ

© NCERT not to be republished


ଗୁଜୁରାଟର ସିଦି ଧମାଲ ନୃତ୍ୟ

ଉଦାହରଣ ୧: ଆସାମର ବିହୁ ନୃତ୍ୟରେ ଯେଉଁ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ ତାହା ହୋଉଛି ଢୋଲ ଏବଂ ପେପା। ପେପା ମଇଁଷି ଶିଙ୍ଗରେ ନିର୍ମିତ ଏକ ଅନନ୍ୟ ବାଦ୍ୟଯନ୍ତ୍ର, ଏହାକୁ ବଜାଇବା ପାଇଁ ପେଙ୍କାଳି ପରି ଫୁଙ୍କିବାକୁ ପଡ଼ିଥାଏ ।

ଉଦାହରଣ ୨: ସିଦି ଧମାଲ ନୃତ୍ୟ ଗୁଜୁରାଟରୁ ଆସିଛି। ପ୍ରଦର୍ଶନ ସମୟରେ ଏଥିରେ ବାଦ୍ୟଯନ୍ତ୍ର ଭାବରେଏଥିରେ ବଡ଼ ବଡ଼ ଡ୍ରମ୍ ବ୍ୟବହାର କରାଯାଇଥାଏ ।

ତୁମେ ପରିବେଷଣ କରିବାକୁ ପ୍ରସ୍ତୁତ କି ? କେବଳ ଗୋଟିଏ ମୁହୂର୍ତ୍ତ ଅପେକ୍ଷା କର । ତୁମେ ତୁମ ନୃତ୍ୟରେ କେଉଁ ପ୍ରସ୍ତ (ଯଦି କୌଣସି ପାତ୍ର, ବାଡ଼ି, ରିଂ ପରି ...) ବ୍ୟବହାର କରିବେ ସେ ବିଷୟରେ ତୁମେ ଆଲୋଚନା କରିଛ କି ?

ତୁମେ ପରିବେଷଣ କରିବାକୁ ଯାଉଥିବା ଏକ ନିର୍ଦ୍ଦିଷ୍ଟ ନୃତ୍ୟରେ ବ୍ୟବହୃତ ପୋଷାକ ବିଷୟରେ ତୁମର କିଛି ଧାରଣା ଅଛି କି ?

ଭାରତର ସମସ୍ତ ନୃତ୍ୟ ଆମ ସାଂସ୍କୃତିକ ଐତିହ୍ୟ ସହ ସମ୍ପୃକ୍ତ । ନୃତ୍ୟରେ କେବଳ ଗତିବିଧି, ତାଳ, ସଙ୍ଗୀତ ନୁହେଁ ବରଂ ପୋଷାକ, ବିଭିନ୍ ଉପକରଣ, ମେକଅପ୍ ଏବଂ ମଞ୍ଚ ଗୁରୁତ୍ୱ ମଧ୍ୟ ରହିଛି ।

## କାର୍ଯ୍ୟକଳାପ ୨: ନୃତ୍ୟର ଅଳଙ୍କାର ଏବଂ ଉପକରଣ ପ୍ରସ୍ତୁତି

ନୃତ୍ୟ ପାଇଁ ଆବଶ୍ୟକ ବେଶଭୂଷା ବିଷୟରେ ନିଜ ନିଜ ଗୋଷ୍ଠୀ ସହିତ ଆଲୋଚନା କର । ଅଳଙ୍କାର ବା ଅନ୍ୟାନ୍ୟ ଉପକରଣ ପାଇଁ କାର୍ଡବୋର୍ଡ ବା ପଟିଲି, ରଙ୍ଗ କାଗଜ, ସାଜସଜ୍ଜା ଫିତା ଇତ୍ୟାଦି ବ୍ୟବହାର କରି ନିଜେ ଏହାକୁ ତିଆରି କରିବାକୁ ଚେଷ୍ଟା କର ।

ଉଦାହରଣ: ନୃତ୍ୟର ହାର, ନିଦା ପୋଷାକ, ହନୁମାନ ମୁଖା ଓ ରାଣୀଙ୍କ ମୁକୁଟ ଭଳି ବିଭିନ୍ନ ଜିନିଷ ପ୍ରସ୍ତୁତ କର ।


କାନଫୁଲ


ହାର


ମଥାପଟି


ଘୁଙ୍ଗୁରୁ

© NCERT not to be republished

## କାର୍ଯ୍ୟକଳାପ ୩: ତୁମ ପସନ୍ଦର ଏକ ଗହଣା କିମ୍ବା ନୃତ୍ୟ ଉପକରଣ ଅଙ୍କନ କର

© NCERT
not to be republished

କାଗଜ, କାର୍ଡବୋର୍ଡ, କପଡ଼ା ଇତ୍ୟାଦି ବ୍ୟବହାର କରି ଏହାକୁ ତିଆରି କରିବାକୁ ଚେଷ୍ଟା କର।



ଜାଲରେ ନୃତ୍ୟ



ଏକ ପ୍ରୋଗ୍ରାମରେ
ସଙ୍ଗୀତଜ୍ଞମାନଙ୍କ ବସିବା ସ୍ଥିତି

## କାର୍ଯ୍ୟକଳାପ ୪: ପ୍ରଦର୍ଶନ ସ୍ଥାନର ଜ୍ଞାନ

ଶ୍ରେଣୀରେ ନିମ୍ନଲିଖିତ ବିଷୟରେ ଆଲୋଚନା କର :

- ପ୍ରଦର୍ଶନକୁ ବିଭ୍ରାନ୍ତ ନକରି ମଞ୍ଚରେ ଆବଶ୍ୟକ ପ୍ରପ୍ ରଖ ।
- ନୃତ୍ୟ କରିବା ପାଇଁ ଆରାମଦାୟକ ଅନୁଭବ କରୁଥିବା ପୋଷାକ ଡିଜାଇନ୍ କରିବା (ହାତ ଗୋଡ଼ ଉଠାଇବା, ଡେଇଁବା, ଓଲଟିବା ଇତ୍ୟାଦି)।
- ଦୁଇ ପାର୍ଶ୍ୱ ଦେଇ ମଞ୍ଚରୁ ପ୍ରବେଶ ଓ ପ୍ରସ୍ଥାନ । (ଥିଏଟର ବିଭାଗରେ ମଞ୍ଚ ସୃଷ୍ଟି ଦେଖ ।)

ବିଭିନ୍ନ ନୃତ୍ୟ ରୂପରେ ଭିନ୍ନ ଭିନ୍ନ ପ୍ରପ୍ ଏବଂ ମଞ୍ଚ ସଜ୍ଜା ରହିଛି । ନୃତ୍ୟର ପ୍ରତିଟି ଉପାଦାନ ସମସ୍ତଙ୍କ ପାଇଁ ସ୍ପଷ୍ଟ ହେବ ବୋଲି ଆଶା କରୁଛୁ ।

ବର୍ତ୍ତମାନ ପର୍ଯ୍ୟନ୍ତ, ତୁମେ ଛୋଟ ଛୋଟ ଗୋଷ୍ଠୀରେ କାମ କରିଛ । ଆଗକୁ ତୁମେ ଶ୍ରେଣୀର ସମସ୍ତ ସଦସ୍ୟଙ୍କୁ ନେଇ ଏକ ସାମୂହିକ ଗୋଷ୍ଠୀ ଭାବରେ କାର୍ଯ୍ୟ କରିବ । ବର୍ତ୍ତମାନ, ତୁମେ ଏକ ନୂତନ ଜିନିଷ ଅନୁସନ୍ଧାନ କରିବାକୁ ଯାଉଛ !

## ନୃତ୍ୟ ନାଟିକ (ନାଟ୍ୟ)

ଆମେ କେବଳ 'ନୃତ୍ୟ' ଶବ୍ଦ ବିଷୟରେ ଜାଣୁ ତା ନୁହେଁ, 'ନାଟକ' ବିଷୟରେ ମଧ୍ୟ ଜାଣୁ ।

ଯଦି ଆମେ ଉଭୟ ନୃତ୍ୟ ଏବଂ ନାଟକକୁ ଏକାଠି କରିବା ତେବେ ଏହା କାମ କରିବ କି ?

ନୃତ୍ୟ, ନାଟକ କିମ୍ବା ନାଟ୍ୟ ହେଉଛି ସୃଜନଶୀଳ ପ୍ରକାଶନର ଏକ ରୂପ ଯେଉଁଠାରେ ଅଂଶଗ୍ରହଣକାରୀମାନେ ନୃତ୍ୟକୁ କାହାଣୀ କହିବା କିମ୍ବା ବାର୍ତ୍ତା ଦେବା ପାଇଁ ପାଦ, ଶରୀର ଏବଂ ହସ୍ତମୁଦ୍ରା ବ୍ୟବହାର କରି ଗୀତ ଏବଂ ସଙ୍ଗୀତ ସହିତ ପ୍ରାୟତଃ ଅଭିନୟ କରନ୍ତି ।



© NCERT not to be republished

ନୃତ୍ୟ ନାଟକ ପାଇଁ କଳାକାରମାନଙ୍କ ମଧ୍ୟରେ ସମନ୍ୱୟ, ପ୍ରକାଶନ ଏବଂ ସହଯୋଗ ଆବଶ୍ୟକ ।

ସମନ୍ୱୟ



ଅଭିବ୍ୟକ୍ତି



କଳାକାରଙ୍କ ମଧ୍ୟରେ ସହଯୋଗ



ନୃତ୍ୟ ନାଟକ ଚଳପ୍ରଚଳ ଏବଂ ଅଭିନୟ କଳା ମାଧ୍ୟମରେ ଏକ କାହାଣୀ ଆଣିଥାଏ । ନୃତ୍ୟ ନାଟକ ବିଭିନ୍ନ ବିଷୟବସ୍ତୁ, ସଂସ୍କୃତି କିମ୍ବା ଐତିହାସିକ ଘଟଣାଦ୍ୱାରା ପ୍ରେରିତ ହୋଇପାରେ, ଯାହା କଳାତ୍ମକ ଅନୁସନ୍ଧାନ ପାଇଁ ଏକ ସମୃଦ୍ଧ ଏବଂ ବିବିଧ ମଞ୍ଚ ପ୍ରଦାନ କରିଥାଏ ।

 

## କାର୍ଯ୍ୟକଳାପ ୫: ପ୍ରକୃତିର ଏକ କାହାଣୀ ବଖାଣିବା

ପ୍ରକୃତି କିମ୍ବା ପରିବେଶ, ବା ସ୍ୱାଧୀନତା ଆନ୍ଦୋଳନ ସମ୍ବନ୍ଧୀୟ ଏକ କାହାଣୀ ସନ୍ଧାନ କର ଏବଂ ଯାହା ସମାଜକୁ ଏକ ନୈତିକ ମୂଲ୍ୟ ପ୍ରଦାନ କରେ ସେ ବିଷୟରେ ଆଲୋଚନା କର ।

### ଉଦାହରଣ

ଏହା ସହ ଜଡ଼ିତ କାହାଣୀଗୁଡ଼ିକ ହେଉଛି -

- ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବା ।
- ଜଳାଶୟଗୁଡ଼ିକୁ ବଞ୍ଚାଇବା ।
- ମୋବାଇଲ ଫୋନର ଅତ୍ୟଧିକ ବ୍ୟବହାର ।
- ଜୈବିକ ଚାଷ ।
- ଶିକ୍ଷାରେ ସମାନତା ।

ଟିପ୍ପଣୀ : ଇଂରାଜୀ କିମ୍ବା ଅନ୍ୟ କୌଣସି ଭାଷାର ପାଠ୍ୟପୁସ୍ତକରୁ ଏକ କାହାଣୀ ଚୟନ କର ।

ଏକ ଉପଯୁକ୍ତ କାହାଣୀ ଚୟନ କରି ଶ୍ରେଣୀରେ କୁହ ଯାହାକୁ ତୁମେ ତୁମ ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ଅଞ୍ଚଳ ସହିତ ସମ୍ପର୍କିତ କରିପାରିବ ।

ସ୍କ୍ରିପ୍ଟ ହେଉଛି ଏକ ଲିଖିତ ରୂପ ଯେଉଁଥିରେ ନୃତ୍ୟ ନାଟକ, ନାଟ୍ୟ ପ୍ରଦର୍ଶନ କିମ୍ବା ଉପସ୍ଥାପନ ପାଇଁ ସଂଳାପ, ଗୀତ, ଆଦି କାର୍ଯ୍ୟର ନିର୍ଦ୍ଦେଶନା ଥାଏ । ନୃତ୍ୟରେ, ସଂଳାପ ମୁଖ୍ୟତଃ ହସ୍ତମୁଦ୍ରା ମାଧ୍ୟମରେ ହୋଇଥାଏ ଯଦିଓ ଶବ୍ଦ ମଧ୍ୟ ବ୍ୟବହାର କରାଯାଇପାରିବ ।

ଚିନ୍ତା କରିବା...

ଆଲୋଚନା କରିବା...

ଲେଖିବା...

ଏକ ଚୟନିତ କାହାଣୀ କିମ୍ବା କବିତା ଆଧାରରେ ଏକ ସ୍କ୍ରିପ୍ଟ ଲେଖିବାକୁ ଚେଷ୍ଟା କର ଏବଂ ପରସ୍ପରକୁ ନିଜର ଚିନ୍ତାବ୍ୟକ୍ତ କରି ନାଟ୍ୟ ଏକ ସୃଷ୍ଟି କରିବା ପାଇଁ ଚେଷ୍ଟା କର ।

ସ୍କ୍ରିପ୍ଟ ଲେଖିବା ସମୟରେ, ମୁଦ୍ରା ସହିତ ସଂଳାପ ବିଷୟରେ ଚିନ୍ତା କର, ଚରିତ୍ର, ପୋଷାକ, ପ୍ରୋପ୍ ଏବଂ ମଞ୍ଚ ଆବଶ୍ୟକ ।

ଏହି କାର୍ଯ୍ୟରେ ତୁମେ କାହାଣୀର ସମସ୍ତ ଚରିତ୍ରକୁ ଜୀବନ ଦେଉଛନ୍ତି ।

ନାଟ୍ୟ ପ୍ରଦର୍ଶନ ପାଇଁ ହସ୍ତମୁଦ୍ରା, ହାତ ଓ ଶରୀରର ଗତିବିଧି ଆଦିକୁ ଅଭ୍ୟାସ କର ।

କବିତାର ତାଳ, ପଦକ୍ଷେପ, ଗତି, ହସ୍ତମୁଦ୍ରା, ଆସନର ଉପାଦାନଗୁଡ଼ିକୁ ସଂଗଠିତ କର ଏବଂ ଅଭ୍ୟାସ କର ।

ଏହା ସହିତ, ନାଟ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ବୋଲ୍ ଗୁଡ଼ିକ କିମ୍ବା କୋଲୁକେଟ ଗୁଡ଼ିକୁ (ଉଦାହରଣ ସ୍ୱରୂପ, ଥା କା ଧି ମି) ଏବଂ ସରଗମ (ପ୍ରାୟତଃ ସଂଗୀତ ଶ୍ରେଣୀରେ ଶିଖାଯାଇଥାଏ) ବ୍ୟବହାର କରି ନୃତ୍ୟକୁ ତାଳପୂର୍ଣ୍ଣ ଢାଞ୍ଚା ସହିତ ଚିହ୍ନଟ କର ।.

ନାଟ୍ୟରେ ଏକ ପ୍ରମୁଖ ଉପାଦାନ ମୁଖମଣ୍ଡଳର ଭାବପ୍ରବଣତାକୁ ଅଭ୍ୟାସ କର । ତୁମ ନାଟ୍ୟର ଏକ ସୁବ୍ୟବସ୍ଥିତ ଫଳାଫଳ ପାଇଁ ସମସ୍ତଙ୍କୁ ମିଳିତ ଭାବରେ କାମ କରିବାକୁ ପଡିବ ।

© NCERT not to be republished



## କାର୍ଯ୍ୟକଳାପ ୬: କୋରିଓଗ୍ରାଫି ଏବଂ ପ୍ରଦର୍ଶନୀ ନାଟ୍ୟ

ଏକତ୍ର ହୋଇ ଏକ ଦଳ ଭାବରେ କାମ କରି ସଂଳାପ, ଲୟଯୁକ୍ତ ସଙ୍ଗୀତ, ନୃତ୍ୟ ତାଳ ଏବଂ ଗତିବିଧିକୁ ନେଇ ଏକ ନୃତ୍ୟ ନାଟ୍ୟ ନିର୍ଦ୍ଦେଶନା କର ।



ନୃତ୍ୟ ନିର୍ଦ୍ଦେଶନାର ଏହି ପର୍ଯ୍ୟାୟରେ, ଆମକୁ ପ୍ରପ୍, ପୋଷାକ, ଅଳଙ୍କାର, ମଞ୍ଚ ସାଜସଜ୍ଜା ଇତ୍ୟାଦି ଉପରେ ନଜର ପକାଇବାକୁ ପଡିବ ।

ପ୍ରଦର୍ଶନ କରିବା ପୂର୍ବରୁ ପ୍ରପ୍ ଗୁଡ଼ିକ ସହିତ ଅଭ୍ୟାସ କର, ଯାହା ଦ୍ୱାରା ତୁମେ ସେଗୁଡ଼ିକୁ ଆରାମରେ ପରିଚାଳନା କରିପାରିବ ।

ଥରେ କୋରିଓଗ୍ରାଫି ସରିବା ପରେ ଅଭ୍ୟାସ କରିବାର ସମୟ ଆସେ ।

ଅଭ୍ୟାସ ! ଅଭ୍ୟାସ ! ଅଭ୍ୟାସ !

ସଫଳତାର ମୁଖ୍ୟ ଉପାଦାନ ହେଉଛି ଅଭ୍ୟାସ ...

ଅଭ୍ୟାସ ପରେ ଏବେ ନାଟ୍ୟମଞ୍ଚରେ ଅଭ୍ୟାସ କରିବାର ସମୟ ଆସିଛି।

ସାବାସ !

ତୁମ ଶ୍ରେଣୀର ଛାତ୍ରଛାତ୍ରୀ କିମ୍ବା ଏକ ବୃହତ ଦର୍ଶକଙ୍କ ସମ୍ମୁଖରେ ତୁମର ନାଟ୍ୟ ପ୍ରଦର୍ଶନୀ କର ।